ଉତ୍ତର ପ୍ରଦେଶ ଜଳ ନିଗମ ଏବଂ ଅନ୍ୟଜଣେ

ବନାମ

ସୟଦ ଖାଦିମ ୱାରିସ

ନଭେମ୍ବର 13,1995

[ମଦନ ମୋହନ ପୁଞ୍ଜି ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ:

ବାଧତାମୂଳକ ଅବସର- କର୍ମଚାରୀଙ୍କ ବିରୁଦ୍ଧରେ ପ୍ରତିକୂଳ ଟିପ୍ପଣୀ ଆଧାରରେ ଆଦେଶ- ପ୍ରତିକୂଳ ମନ୍ତବ୍ୟ ବିରୋଧରେ କର୍ମଚାରୀଙ୍କ ଉପସ୍ଥାପନାକୁ ଯାଞ୍ଚ କମିଟି ସମ୍ମୁଖରେ ରଖାଯାଇଛି- ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ସହାୟକ ନଥି ଦାଖଲ କରାଯାଇ ନାହିଁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆଦେଶକୁ ରଦ୍ଦ କରାଯାଇଛି- ଆବେଦନରେ ଏହା ଦେଖିବାକୁ ମିଳିଥିଲା ଯେ ଏହି ଆଦେଶ ମଧ୍ୟ ଅନ୍ୟ ଏକ ଅପ୍ରେଷିତ ପ୍ରତିକୂଳ ଟିପ୍ପଣୀ ଉପରେ ମଧ୍ୟ ଆଧାରିତ ଥିଲା- ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ଅଗ୍ରାହ୍ୟ କରାଯାଇଛି- କର୍ମଚାରୀଙ୍କୁ ତାଙ୍କର ସେବା ନଥିରେ ମନ୍ତବ୍ୟ ବିଷୟରେ ଅବଗତ କରାଇବା ଏବଂ ସେହି ବିଷୟରେ ତାଙ୍କର ନିବେଦନକୁ ବିଚାରକୁ ନେବା ପରେ, ସମ୍ପୂର୍ଣ୍ଣ ସେବା ନଥି ଆଧାରରେ ଏକ ନୂତନ ଆଦେଶ ଜାରି କରିବା ପାଇଁ ବିଭାଗକୁ ସ୍ୱାଧୀନତା ପ୍ରଦାନ କରାଯାଇଛି ।

ଉତ୍ତରଦାତାଙ୍କ ବିରୋଧରେ ପାରିତ ବାଧତାମୂଳକ ଅବସର ଆଦେଶକୁ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ରଦ୍ଦ କରିଦେଇଥିଲେ ଯେ ଏହା **1983-84** ବର୍ଷ ପାଇଁ ଏକ ପ୍ରତିକୂଳ ମନ୍ତବ୍ୟ ଉପରେ ଆଧାରିତ ଥିଲା ଯାହା ଉତ୍ତରଦାତାଙ୍କୁ ଅବଗତ କରାଯାଇଥିଲା କିନ୍ତୁ ଯାହା ବିରୁଦ୍ଧରେ ଉପସ୍ଥାପନା ପ୍ରଦାନ କରାଯାଇଥିଲା ତାହା ବିଚାରାଧୀନ ଥିଲା । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆଗତ ହୋଇଥିବା ସତ୍ୟପାଠରେ ଆବେଦନକାରୀ-ନିଗମ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଥିଲେ ଯେ ଉତ୍ତରଦାତାଙ୍କ ଉପସ୍ଥାପନାକୁ ଯାଞ୍ଚ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ତେବେ, ଏହାର ସହାୟକ ନଥି ଗୁଡିକୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇନଥିଲା । ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟ କେବଳ ଯୁକ୍ତି ଉପରେ ଧ୍ୟାନ ଦେଇଥିଲେ ଏବଂ ବାଧତାମୂଳକ ଅବସର ଆଦେଶକୁ ଅଗ୍ରାହ୍ୟ କରିଦେଇଥିଲେ । ଆବେଦନକାରୀ-ନିଗମ ଏହି ମାନ୍ୟବର ଅଦାଲତଙ୍କ ସମ୍ମୁଖରେ ଆବେଦନ ଦାୟର କରିଥିଲେ, ଯେଉଁଥିରେ ଅଦାଲତ ଉତ୍ତରଦାତାଙ୍କ ସମ୍ପୂର୍ଣ୍ଣ ସେବା ନଥିକୁ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ ବାଧତାମୂଳକ ଅବସର ଆଦେଶଟି **1984-85** ମସିହାର ଅନ୍ୟ ଏକ ନଥି ଉପରେ ମଧ୍ୟ ଆଧାରିତ ଥିଲା, ଯାହା ଉତ୍ତରଦାତାଙ୍କ ବିରୁଦ୍ଧରେ ଥିଲା କିନ୍ତୁ ତାଙ୍କୁ ଅବଗତ କରାଯାଇ ନଥିଲା ।

ନିଯୁକ୍ତିଦାତାଙ୍କ ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: **1.** ଘଟଣାର ସାମଗ୍ରିକ ଦିଗକୁ ବିଚାର କରି ଏବଂ ଉଭୟ ପକ୍ଷଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ, ଉଚ୍ଚ ନ୍ୟାୟାଳୟଙ୍କ ତ୍ରୁଟିପୂର୍ଣ୍ଣ ଆକ୍ଷେପିତ ଆଦେଶକୁ ରଦ୍ଦ କରାଯିବା ଉଚିତ ଏବଂ ମାମଲାଟିକୁ ବାଧତାମୂଳକ ଅବସର ପୂର୍ବରୁ ଥିବା ସ୍ଥିତିକୁ ଫେରାଇ ନେବା ଉଚିତ ଅଟେ । ଫଳସ୍ୱରୂପ, ଉତ୍ତରଦାତା ନିଗମର ସେବାରେ ରହିବେ ବୋଲି ଅନୁମାନ କରାଯିବ । ତେବେ, ଉତ୍ତରଦାତା ସେବାରେ ରହିଛନ୍ତି ବୋଲି ଧରିନିଆଯିବା ଦ୍ୱାରା ତାଙ୍କୁ **50** ବର୍ଷ ବୟସରେ ବାଧତାମୂଳକ ଅବସର ଦେବା ପାଇଁ ଏକ ପ୍ରତିବନ୍ଧକ ହେବ ନାହିଁ, କିନ୍ତୁ ଏହା ନଥିର ଚୂଡ଼ାନ୍ତ

ସମୀକ୍ଷା ଉପରେ ନିର୍ଭର କରେ, ଯାହାକି 1984-85 ବର୍ଷର ପ୍ରତିକୂଳ ମନ୍ତବ୍ୟ ବିଷୟରେ ତାଙ୍କୁ ଜଣାଇବା ପରେ କରାଯିବ ଏବଂ ସେହି ମନ୍ତବ୍ୟ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉପସ୍ଥାପନ କରିବା ପାଇଁ ତାଙ୍କୁ ସୁଯୋଗ ମିଳିବ । ଯେକୌଣସି ନୂତନ ଆଦେଶ ପାରିତ ହେଲେ, ତାହା ମୂଳ ଆଦେଶର ତାରିଖଠାରୁ ହିଁ ମାମଲାର ଭାଗ୍ୟ ନିର୍ଦ୍ଧାରଣ କରିବ । ଏହାକୁ ଆହୁରି ସ୍ପଷ୍ଟ କରାଯାଇଛି ଯେ, ଉତ୍ତରଦାତାଙ୍କ ବୟସ ୫୮ ବର୍ଷ ହୋଇଯାଇଥିବାରୁ ତାଙ୍କୁ ଆଉ କୌଣସି ପରିସ୍ଥିତିରେ ଚାକିରୀକୁ ଫେରାଇ ନିଆଯାଇପାରିବ ନାହିଁ । ଆଦେଶରେ ଆବଶ୍ୟକୀୟ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ, ବର୍ତ୍ତମାନ ପାଇଁ ତାଙ୍କୁ ତାଙ୍କର ପେନସନ୍ ସମ୍ବନ୍ଧୀୟ ସୁବିଧା ବ୍ୟତୀତ ଅନ୍ୟ କୌଣସି ଅଧିକ ଅର୍ଥ ପ୍ରଦାନ କରାଯିବା ଆବଶ୍ୟକ ନାହିଁ ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 10452/1995

21.3.95 ତାରିଖରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲ୍ୟୁ. ପି. ସଂଖ୍ୟା 604/1986 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଗୋପାଳ ସୁବ୍ରମଣ୍ୟମ, ଆର. ବି. ମିଶ୍ର ଏବଂ ଏମ. କେ. ରାୟ ଆବେଦନକାରୀଙ୍କ ପାଇଁ ।

ଅନିସ ସୁହାରୱାର୍ଦୀ ଉତ୍ତରଦାତାଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଉତ୍ତରଦାତା-କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପଚାଶ ବର୍ଷ ବୟସରେ ପହଞ୍ଚିବା ପରେ, ଆର୍ଥିକ ହସ୍ତ ପୁସ୍ତିକା ଭାଗ-2 ଖଣ୍ଡ 2 ରୁ 4 ର ନିୟମ 56-C ଅନୁଯାୟୀ କ୍ଷମତା ପ୍ରୟୋଗ କରି ଉତ୍ତର ପ୍ରଦେଶ ଜଳ ନିଗମ ଦ୍ୱାରା ବାଧ୍ୟତାମୂଳକ ଅବସର ନେଇଥିଲେ । ଉତ୍ତରଦାତା ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଲକ୍ଷ୍ନୌ ବିଚାରପୀଠରେ ସେହି ଆଦେଶକୁ ସଫଳତାର ସହ ଆପତ୍ତି କରିଥିଲେ ।ଉଚ୍ଚ ନ୍ୟାୟାଳୟ ତାଙ୍କ ସପକ୍ଷରେ ନିଷ୍ପତ୍ତି ନେବା ପଛର ମୁଖ୍ୟ କାରଣ ଥିଲା ଯେ, 1983-84 ବର୍ଷର ଏକ ପ୍ରତିକୂଳ ଟିପ୍ପଣୀ ବିଷୟରେ ଉତ୍ତରଦାତାଙ୍କୁ 9-4-1985 ରେ ତାହା ଅବଗତ କରାଯାଇଥିବା ତଥ୍ୟକୁ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିବା ପାଇଁ ବ୍ୟବହାର କରାଯାଇଥିଲା ଯେତେବେଳେ, ସେହି ପ୍ରତିକୂଳ ଟିପ୍ପଣୀ ବିରୁଦ୍ଧରେ ଉତ୍ତରଦାତାଙ୍କ ନିବେଦନ ନିଗମ ନିକଟରେ ବିଚାରାଧୀନ ଥିଲା । ଉଚ୍ଚ ନ୍ୟାୟାଳୟଙ୍କ ମତରେ, ନିବେଦନର ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସେହି ନିର୍ଦ୍ଦିଷ୍ଟ ମନ୍ତବ୍ୟକୁ ବ୍ୟବହାର କରାଯାଇପାରିବ ନାହିଁ । ଉଚ୍ଚ ନ୍ୟାୟାଳୟ ଏକାଧିକ ସ୍ଥାନରେ ନିଜର ରାୟରେ ଏହି ଦିଗ ଉପରେ ଗୁରୁତ୍ୱ ଦେଇଛନ୍ତି । ଉଚ୍ଚ ନ୍ୟାୟାଳୟ ମଧ୍ୟ ନିଗମକୁ ଦୋଷାରୋପ କରିଛନ୍ତି ଯେ, ସେମାନେ 1983-84 ବର୍ଷ ସମ୍ବନ୍ଧିତ ସେହି ମନ୍ତବ୍ୟକୁ ନ୍ୟାୟାଳୟ ସମ୍ମୁଖରେ ଉପସ୍ଥାପନ କରିନାହାନ୍ତି, ଯାହାଦ୍ୱାରା ନ୍ୟାୟାଳୟ ସେହି ବିଷୟର ପ୍ରକୃତି ଏବଂ ଗମ୍ଭୀରତା ବିଷୟରେ ଅବଗତ ହୋଇପାରିଥାନ୍ତେ ।

ନିଗମ ଏହାର ବିପରୀତ ଯୁକ୍ତି କରୁଛି । ଏଥିରେ କୁହାଯାଇଛି ଯେ, ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ପ୍ରତି ସତ୍ୟପାଠରେ କେବଳ ସେହି ବିଷୟଟିକୁ ଦର୍ଶାଯାଇ ନଥିଲା, ବରଂ ସେଥିରେ ସ୍ପଷ୍ଟ ଭାବରେ ଏହା ମଧ୍ୟ ଦାବି କରାଯାଇଥିଲା ଯେ ଉତ୍ତରଦାତାଙ୍କ ତରଫରୁ ମିଳିଥିବା ଆବେଦନପତ୍ରକୁ ଯାଞ୍ଚ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା, ଯିଏ କି ଏହି ବିଷୟର ବିଚାର କରୁଥିଲେ ଏବଂ ତାହା ପରେ ଯାଇ ବାଧ୍ୟତାମୂଳକ ଅବସର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହା ଲାଗୁଛି ଯେ ଏହାର ସହାୟକ ନଥି ଗୁଡିକୁ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ଉପସ୍ଥାପିତ କରାଯାଇ ନଥିଲା । ଏହା ସୂଚାଇ ଦିଆଯାଇଛି ଯେ, ଯଦି ଉଚ୍ଚ ନ୍ୟାୟାଳୟ ସରକାରୀ ନଥିରେ ଥିବା ତଥ୍ୟକୁ

ବ୍ୟବହାର କରିବା ବିଷୟରେ ଚିନ୍ତା କରିଥାନ୍ତେ, ତେବେ ସେ ନିଶ୍ଚିତ ଭାବରେ ଜଳ ନିଗମର ଓକିଲଙ୍କୁ ସେହି ନଥିକୁ ନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ କହିପାରିଥାନ୍ତେ । ବୋଧହୁଏ, ଉଚ୍ଚ ନ୍ୟାୟାଳୟ କେବଳ ଯୁକ୍ତି ଗୁଡ଼ିକ ଉପରେ ହିଁ ଧ୍ୟାନ ଦେଇଥିଲେ ଏବଂ ଏହା ଦର୍ଶାଇଥିଲେ କି, 1983-84 ବର୍ଷର ଏକମାତ୍ର ପ୍ରତିକୂଳ ଟିପ୍ପଣୀ, ଯାହା ବିରୁଦ୍ଧରେ ଉତ୍ତରଦାତାଙ୍କ ଆବେଦନପତ୍ର ବିଚାରାଧୀନ ଥିଲା, ତାହାକୁ ଗ୍ରହଣ କରାଯାଇପାରିବ ନାହିଁ । ସେହି ଆଧାରରେ ବାଧ୍ୟତାମୂଳକ ଅବସର ଆଦେଶକୁ ରଦ୍ଦ କରାଯାଇଥିଲା ।

ବର୍ତ୍ତମାନ, ଆମକୁ ଉତ୍ତରଦାତାଙ୍କ ସମ୍ପୂର୍ଣ୍ଣ ସେବା ନଥି ବିଷୟରେ ଅବଗତ କରାଯାଇଛି, ଯେଉଁଠାରୁ ଆମେ ବର୍ତ୍ତମାନ ଉକ୍ତ ମନ୍ତବ୍ୟର ପ୍ରକୃତି ଏବଂ ଯାଞ୍ଚ କମିଟି ସମ୍ମୁଖରେ ଆଗତ କରାଯାଇଥିବା ଆବେଦନପତ୍ର ଏବଂ ସେଗୁଡ଼ିକର ଉପସ୍ଥାପନ ବିଷୟରେ ଜାଣିଛୁ । ନିଗମର ବିଜ୍ଞ ଓକିଲ ଆମ ସମ୍ମୁଖରେ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଥିବା ଅନ୍ୟ ଏକ ଆବିଷ୍କୃତ ତଥ୍ୟ ହେଉଛି ଯେ, ପରବର୍ତ୍ତୀ ବର୍ଷ ଅର୍ଥାତ 1984-85 ବର୍ଷର ମନ୍ତବ୍ୟ ମଧ୍ୟ ଉତ୍ତରଦାତାଙ୍କ ବିପକ୍ଷରେ ଥିଲା, କିନ୍ତୁ ତାହା ତାଙ୍କୁ ଜଣାଯାଇ ନଥିଲା ଏବଂ ତଥାପି ବାଧ୍ୟତାମୂଳକ ଅବସର ଆଦେଶ ପାରିତ କରିବା ସମୟରେ ଏହାକୁ ପ୍ରୟୋଗ କରାଯାଇଥିଲା । ଏହା ହୋଇଥାଇପାରେ ଯେ, କେବଳ 1983-84 ବର୍ଷର ଉକ୍ତ ପ୍ରତିକୂଳ ଟିପ୍ପଣୀ କିମ୍ବା 1983-84 ବର୍ଷର ଟିପ୍ପଣୀ ସହିତ ମିଶି, କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ 1983-84 ବର୍ଷର ଏକମାତ୍ର ଟିପ୍ପଣୀ ଅପେକ୍ଷା ବହୁତ ଅଧିକ ପ୍ରଭାବିତ କରିଥାଇପାରେ । ଏହି ନିର୍ଦ୍ଦିଷ୍ଟ ବିଷୟର ଉଲ୍ଲେଖ ଉଚ୍ଚ ନ୍ୟାୟାଳୟଙ୍କ ଯୁକ୍ତିର ଆଧାରକୁ ମଜବୁତ କରିବା ପାଇଁ କିମ୍ବା ଏହାର ସମର୍ଥନରେ ଅତିରିକ୍ତ ଯୁକ୍ତି ଭାବରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, କାରଣ ସେହି ଟିପ୍ପଣୀକୁ ଏପର୍ଯ୍ୟନ୍ତ ବିଚାରକୁ ନେବା ଭଳି ପରିପକ୍ୱତା ମିଳିନାହିଁ, ଯେହେତୁ ଏହା ଉତ୍ତରଦାତାଙ୍କୁ ଜଣାଯାଇ ନାହିଁ କିମ୍ବା ସେ ବିଷୟରେ ତାଙ୍କର ପକ୍ଷ ରଖିବା ପାଇଁ କୁହାଯାଇ ନାହିଁ ।

ଘଟଣାର ସାମଗ୍ରିକ ଦିଗକୁ ବିଚାର କରି ଏବଂ ଉଭୟ ପକ୍ଷଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ, ଉଚ୍ଚ ନ୍ୟାୟାଳୟଙ୍କ ତ୍ରୁଟିପୂର୍ଣ୍ଣ ଆକ୍ଷେପିତ ଆଦେଶକୁ ରଦ୍ଦ କରାଯିବା ଉଚିତ ଏବଂ ମାମଲାଟିକୁ ବାଧ୍ୟତାମୂଳକ ଅବସର ପୂର୍ବରୁ ଥିବା ସ୍ଥିତିକୁ ଫେରାଇ ନେବା ଉଚିତ ଅଟେ । ସରଳ ଭାବରେ ଏହାର ଅର୍ଥ ହେଉଛି ଯେଉଁ ଉତ୍ତରଦାତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ବିଚାର କରାଯାଉଛି, ସେ ସେହି ନିଗମର ଚାକିରିରେ ରହିଥିବେ କିନ୍ତୁ ଏହା ତାଙ୍କର ସମ୍ପୂର୍ଣ୍ଣ ଚାକିରି ନଥି ଉପରେ ନିର୍ଭର କରିବ, ଯାହାକି 1984-85 ବର୍ଷର ପ୍ରତିକୂଳ ଟିପ୍ପଣୀ ବିଷୟରେ ତାଙ୍କୁ ଜଣାଇବା ପରେ ହିଁ ସମ୍ପୂର୍ଣ୍ଣ ହେବ, ଏହି ପ୍ରତିକୂଳ ଟିପ୍ପଣୀ ବିରୁଦ୍ଧରେ ସେ ନିଜର ପକ୍ଷ ରଖିବାକୁ ଏବଂ ବିଚାର ହେବାକୁ ସୁଯୋଗ ପାଇବେ, ଏବଂ ଏହା ଉପରେ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଆମେ ଏହି ଆଦେଶ ଦ୍ୱାରା ସ୍ପଷ୍ଟ କରିଦେଉଛୁ ଯେ, ଚାକିରିରେ ଉତ୍ତରଦାତାଙ୍କ ଆନୁମାନିକ ନିରନ୍ତରତା ତାଙ୍କୁ 50 ବର୍ଷ ବୟସରେ ବାଧ୍ୟତାମୂଳକ ଅବସର ଦେବା ପାଇଁ ପଦକ୍ଷେପ ନେବାରେ କୌଣସି ବାଧା ସୃଷ୍ଟି କରିବ ନାହିଁ, ଯଦି ଏହା ଚୂଡ଼ାନ୍ତ ନଥି ଦ୍ୱାରା ସମର୍ଥିତ ହେଉଥାଏ ।

ତେଣୁ, ଉପରୋକ୍ତ ଫଳାଫଳ ହାସଲ କରିବା ପାଇଁ, ଆମେ ଅନୁମତି ମଞ୍ଜୁର କରୁଛୁ ଏବଂ ତଦନୁସାରେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ଅଗ୍ରାହ୍ୟ କରି ଏବଂ ଉପରୋକ୍ତ ଉପାୟରେ ପକ୍ଷମାନଙ୍କ ମଧ୍ୟରେ ଥିବା କାରଣକୁ ସୁବ୍ୟବସ୍ଥିତ କରି ଆବେଦନକୁ ଅନୁମତି ଦେଉଛୁ । ନିଗମ ପାଇଁ ଏହା ଆବଶ୍ୟକ ଯେ ସେ ଉତ୍ତରଦାତାଙ୍କୁ 1984-85 ବର୍ଷର ମନ୍ତବ୍ୟ ବିଷୟରେ ଅବଗତ କରାଇବା ଏବଂ ସମୟ ସୀମା ମଧ୍ୟରେ ତାଙ୍କ ଠାରୁ ଆବେଦନପତ୍ର ଗ୍ରହଣ କରିବାର ସୁଯୋଗ ଦେବା । ତା'ପରେ, ଯଦି ତଥ୍ୟ ଏବଂ ପରିସ୍ଥିତି ଅନୁମତି ଦିଏ, ତେବେ ସମ୍ପୂର୍ଣ୍ଣ ନଥି ଆଧାରରେ ବାଧ୍ୟତାମୂଳକ ଅବସରର ଏକ ନୂତନ ଆଦେଶ ଜାରି କରାଯାଇପାରେ; ଯେଉଁ ଆଦେଶଟି ମୂଳ ଆଦେଶର ତାରିଖ ସହିତ ଜଡ଼ିତ ହୋଇ

ମାମଲାର ଭାଗ୍ୟ ନିର୍ଦ୍ଧାରଣ କରିବ । ଏହା ସ୍ପଷ୍ଟ କରାଯାଇଛି ଯେ, ଉତ୍ତରଦାତା ବର୍ତ୍ତମାନ ଆଉ କୌଣସି ପ୍ରକାରେ ଚାକିରିକୁ ଫେରିପାରିବେ ନାହିଁ, କାରଣ ଏହି ସମୟ ମଧ୍ୟରେ ତାଙ୍କୁ ୫୮ ବର୍ଷ ବୟସ ହୋଇଯାଇଛି । ଶେଷରେ ଯାହା ବି ପରିଣାମ ଆସିବ, ତାହା ଉତ୍ତରଦାତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ । ତେଣୁ ପରିବର୍ତ୍ତନର ଆବଶ୍ୟକତା ନଆସିବା ପର୍ଯ୍ୟନ୍ତ ତାଙ୍କୁ ବର୍ତ୍ତମାନ ପାଇଁ ତାଙ୍କ ଅବସରକାଳୀନ ସୁବିଧା ବ୍ୟତୀତ ଆଉ କିଛି ଦେବାକୁ ପଡିବ ନାହିଁ । ଜଳ ନିଗମ ଦ୍ୱାରା ମାମଲାକୁ ଶୀଘ୍ର ଫଏସଲା କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।